# NATIONAL NEWS BULLETIN (ODIA)

**10 August - 2024**

**Mid-Day : 1.50 p.m.**

---

# ମୁଖ୍ୟ ସମ୍ବାଦ

- ଆନ୍ତର୍ଜାତିକ ସୌର ମେଣ୍ଟ ଏବଂ ବିପର୍ଯ୍ୟୟ ନିରୋଧୀ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଉଭୟ ଭାରତ ଏବଂ ତିମୋର ଲେଷ୍ଟେ ଅନୁସନ୍ଧାନ କରୁଛନ୍ତି - କହିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ଭୂ-ସ୍ଖଳନ ପ୍ରଭାବିତ କେରଳର ୱାଏନାଡ ଅଞ୍ଚଳର ଆକାଶମାର୍ଗରୁ ନିରୀକ୍ଷଣ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଚଳିତ ଆର୍ଥିକ ବର୍ଷର ପ୍ରଥମ ୩ ମାସରେ ଦେଶର ପ୍ରତିରକ୍ଷା ରପ୍ତାନୀ ୭୮ ପ୍ରତିଶତ ବୃଦ୍ଧି ।

- ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ୍ ପଦକ ବିଜୟୀ ଭାରତୀୟ ହକି ଟିମ୍‌କୁ ନୂଆଦିଲ୍ଲୀ ବିମାନ ବନ୍ଦରରେ ଭବ୍ୟ ସ୍ୱାଗତ ।

ଏବଂ

- ସିଂହ ବଂଶର ବିସ୍ତାର ଲାଗି ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି ବିଶ୍ୱ ସିଂହ ଦିବସ ।

# ପ୍ରେସ୍-ଭିଜିଟ୍

ଭାରତ ଏବଂ ତିମୋର ଲେଷ୍ଟେ ମଧ୍ୟରେ ଗଭୀର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି ଏବଂ ଉଭୟ ଦେଶ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସମ୍ମାନ ଦିଅନ୍ତି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ଆଜି ଦିନିକିଆ ସରକାରୀ ଗସ୍ତରେ ଯାଇ ତିମୋର ଲେଷ୍ଟେର ରାଜଧାନୀ ଡିଲୀରେ ପହଞ୍ଚିଥିବା ରାଷ୍ଟ୍ରପତି ମୁର୍ମୁ କହିଛନ୍ତି ଆନ୍ତର୍ଜାତୀୟ ସୌର ମେଣ୍ଟ ଏବଂ ବିପର୍ଯ୍ୟୟ ନିରୋଧି ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଉଭୟ ଭାରତ ଏବଂ ସେହିଦେଶ ଅନୁସନ୍ଧାନ କରୁଛନ୍ତି । ଆଜି ରାଷ୍ଟ୍ରପତି ସେଠାରେ ପହଞ୍ଚିବା ପରେ ତାଙ୍କୁ ତିମୋର ଲେଷ୍ଟେର ରାଷ୍ଟ୍ରପତି ଯୋଶ୍ ରାମୋଶ ହୋର୍ଟା ସ୍ୱାଗତ କରିଥିଲେ । ପରେ ରାଷ୍ଟ୍ରପତି ମୁର୍ମୁଙ୍କୁ ୨୧ ତୋପସଲାମୀ ଏବଂ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା । ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସେଠାକାର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ସହ ଦ୍ୱିପାକ୍ଷିକ ସହଯୋଗ ନେଇ ଆଲୋଚନା କରିଥିଲେ ।

ବୈଠକ ପରେ ତିମୋର ଲେଷ୍ଟେର ରାଷ୍ଟ୍ରପତି ଶ୍ରୀ ହୋର୍ଟା ଭାରତୀୟ ଗଣତନ୍ତ୍ରର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ବୈଷୟିକ ଜ୍ଞାନକୌଶଳ, ଡିଜିଟାଲ ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା, ଔଷଧ ଉତ୍ପାଦନ ଏବଂ ସାମର୍ଥ୍ୟ ବୃଦ୍ଧି କ୍ଷେତ୍ରରେ ଭାରତର ସହଯୋଗ ଲୋଡିଥିଲେ । ଏହି ଆଲୋଚନାକାଳରେ ପ୍ରସାରଭାରତୀ ଏବଂ ତିମୋର ଲେଷ୍ଟେର ରେଡ଼ିଓ ଟେଲିଭିଜନ ସଂସ୍ଥା ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ଜଣାପଡିଛି ।

# ପିଏମ୍-କେରଳ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସକାଳେ ଭୂ-ସ୍ଖଳନ ପ୍ରଭାବିତ କେରଳର ୱାଏନାଡ ଅଞ୍ଚଳର ଆକାଶମାର୍ଗରୁ ନୀରିକ୍ଷଣ କରିଛନ୍ତି । ପ୍ରଭାବିତ ଅଞ୍ଚଳ ନୀରିକ୍ଷଣ ସମୟରେ ପ୍ରଧାନମନ୍ତ୍ରୀଙ୍କ ସହିତ ରାଜ୍ୟପାଳ ଆରିଫ୍ ମହମ୍ମଦ ଖାଁ, ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ ଏବଂ ପର୍ଯ୍ୟଟନ, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ ସାମିଲ ରହିଥିଲେ । ଇତିମଧ୍ୟରେ ନୀରିକ୍ଷଣ ଶେଷ କରି ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟର ଏସ୍.କେ.ଏମ୍.ଜେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଡ଼ିଆରେ ଅବତରଣ କରିଛି । ଏବେ ପ୍ରଧାନମନ୍ତ୍ରୀ ସଡ଼କପଥ ଦେଇ ଚୂରଲମାଲା ଗସ୍ତ କରିବେ । ସେଠାରେ ପ୍ରଧାନମନ୍ତ୍ରୀ ସେନାଦ୍ୱାରା ନିର୍ମିତ ବେଲିବ୍ରିଜ୍ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।

# ସେଣ୍ଟର ୱାଏନାଡ

କେରଳର ୱାଏନାଡରେ ଭୂ-ସ୍ଖଳନ ପରେ ଏପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ରିଲିଫ ଏବଂ ଉଦ୍ଧାରକାର୍ଯ୍ୟ ଯୋଗୁଁ ୩୦ଜଣ ଲୋକଙ୍କ ଜୀବନ ବଞ୍ଚାଯାଇ ପାରିଛି । ୫୨୦ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବାବେଳେ ୧୧୨ଟି ମୃତଦେହ ଉଦ୍ଧାର କରାଯାଇଛି । ଭୂ-ସ୍ଖଳନ ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ଏନ୍‌ଡିଆର୍‌ଏଫ୍, ସ୍ଥଳସେନା,

ବାୟୁସେନା, ନୌସେନା, ଅଗ୍ନିଶମ ବିଭାଗ ଏବଂ ଅନ୍ୟ ସ୍ୱେଚ୍ଛାସେବୀ ସଂଗଠନ ଗୁଡ଼ିକର ୧ହଜାର ୨୦୦ରୁ ଅଧିକ ସ୍ୱେଚ୍ଛାସେବୀ ତଲାସୀ ଅଭିଯାନ ଏବଂ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି । ସେହିପରି ପ୍ରଭାବିତ ଲୋକମାନଙ୍କୁ ଚିକିତ୍ସା ସହାୟତା ଯୋଗାଇ ଦେବାଲାଗି ୧୦୦ରୁ ଅଧିକ ଆମ୍ବୁଲାନ୍ସ, ଡାକ୍ତର ଏବଂ ଚିକିତ୍ସା କର୍ମୀମାନେ ଦାୟିତ୍ୱ ନିର୍ବାହ କରୁଛନ୍ତି ।

ଭାରତୀୟ ସେନା ପକ୍ଷରୁ ୱାଏନାଡରେ ୧୯୦ଫୁଟ ଦୀର୍ଘ ଏକ ବେଲି ବ୍ରିଜ୍ ନିର୍ମାଣ କରାଯାଇଛି । ମାତ୍ର ୭୧ଘଣ୍ଟା ସମୟ ମଧ୍ୟରେ ଏହି ବ୍ରିଜ୍ ନିର୍ମାଣ କରାଯାଇଥିବାବେଳେ, ଆମ୍ବୁଲାନ୍ସ ଏବଂ ଅନ୍ୟାନ୍ୟ ଯନ୍ତ୍ରାଂଶ ସେହି ବ୍ରିଜ୍ ମଧ୍ୟଦେଇ ପ୍ରଭାବିତ ଅଞ୍ଚଳକୁ ପଠାଯାଇଛି । ଏହାଛଡା ପ୍ରଭାବିତ ଅଞ୍ଚଳରୁ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନରେ ପହଞ୍ଚାଇବା ଲାଗି ଏହି ପୋଲ ମାଧ୍ୟମ ପାଲଟିଛି ବୋଲି ଜଣାପଡିଛି ।

## ପ୍ରତିରକ୍ଷା ରପ୍ତାନୀ

ଚଳିତ ଆର୍ଥିକ ବର୍ଷର ପ୍ରଥମ ୩ ମାସରେ ପ୍ରତିରକ୍ଷା ରପ୍ତାନୀ ୭୮ ପ୍ରତିଶତ ବୃଦ୍ଧି ପାଇଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଗତବର୍ଷ ଏହି ସମୟ ମଧ୍ୟରେ ହୋଇଥିବା ରପ୍ତାନୀ ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ୩ ମାସରେ ୬ହଜାର ୯୧୫ କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ ବୃଦ୍ଧି ପାଇଛି । ଗତବର୍ଷ ତୁଳନାରେ ଏହି

ପରିମାଣ ୩ହଜାର ୮୬୫ କୋଟି ଟଙ୍କା ଅଧିକ ବୋଲି ଜଣାପଡିଛି । ପ୍ରତିରକ୍ଷା ମୁଖପାତ୍ର ଏ. ଭାରତ ଭୂଷଣ ବାବୁ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟରେ କହିଛନ୍ତି ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭର ହେଉଛି ଏବଂ ନବସୃଜନ ଜରିଆରେ ନୂଆ ମାନକ ସ୍ଥାପନ କରିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତା ଦର୍ଶାଉଛି ।

## ବ୍ରାଜିଲ୍-ଫ୍ଲାଇଟ୍ ଆକ୍ସିଡେଣ୍ଟ

ବ୍ରାଜିଲର ସାଓ ପାଓଲୋରେ ଗତକାଲି ରାତିରେ ଘଟିଥିବା ବିମାନ ଦୁର୍ଘଟଣାରେ ୬୧ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି । ଏହି ବିମାନଟି ପାରାନା ପ୍ରଦେଶରୁ ସାଓ ପାଓଲୋର ଅନ୍ତର୍ଜାତୀୟ ବିମାନବନ୍ଦରକୁ ଉଡ଼ାଣ ଭରିଥିଲା । ବିମାନରେ ଥିବା ୫୭ଜଣ ଯାତ୍ରୀ ଏବଂ ୪ଜଣ ବିମାନ ଚାଳକଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ବିମାନଟି ଏକ ଆବାସିକ ଅଞ୍ଚଳରେ ଖସିପଡ଼ିଥିଲା ଯାହାଫଳରେ ଘରଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିଲା। ତେବେ ଏଥିରେ ସେଠାରେ ବସବାସ କରୁଥିବା ଲୋକଙ୍କର କୌଣସି କ୍ଷୟକ୍ଷତି ହୋଇ ନାହିଁ। ସୂଚନା ଅନୁଯାୟୀ ସମ୍ପୃକ୍ତ ଦୁର୍ଘଟଣାଗ୍ରସ୍ତ ବିମାନର ଫ୍ଲାଇଟ୍ ରେକର୍ଡର ଉଦ୍ଧାର କରାଯାଇଛି । ଏହି ଫ୍ଲାଇଟ୍ ରେକର୍ଡରରୁ ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡିବ ।

ବ୍ରାଜିଲର ରାଷ୍ଟ୍ରପତି ଲୁଇସ୍ ଇନାସିଓ ଲୁଲା ଦ ସିଲ୍‌ଭା ମୃତକଙ୍କ ପରିବାରପ୍ରତି ସମବେଦନା ବ୍ୟକ୍ତ କରିଛନ୍ତି । ସାଓ ପାଓଲର ଗଭର୍ଣ୍ଣର ୩ଦିନିଆ ଶୋକ ଘୋଷଣା କରିଥିବା ଜଣାପଡିଛି ।

# କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ଯୋଜନା ଯୋଜନାର ଦ୍ୱିତୀୟ ପର୍ଯ୍ୟାୟକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଛି। ୨୦୨୪-୨୫ରୁ ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା କାର୍ଯ୍ୟକାରୀ କରିବାକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗତକାଲି ରାତିରେ ଗଣମାଧ୍ୟମକୁ କହିଛନ୍ତି, ଏହି ଯୋଜନାରେ ୩ କୋଟି ନୂଆ ଘର ନିର୍ମାଣ କରାଯିବ। ସେଥିମଧ୍ୟରୁ ଗ୍ରାମାଞ୍ଚଳରେ ୨ କୋଟି ଓ ସହରାଞ୍ଚଳରେ ୧ କୋଟି ନିର୍ମାଣ କରାଯିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି। ଏହି ଯୋଜନା ପାଇଁ ୩ ଲକ୍ଷ ୬୦ ହଜାର କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି ।

ଏହି ଯୋଜନା ଅଧୀନରେ ସହରାଞ୍ଚଳରେ କର୍ମଜୀବୀ ମହିଳାଙ୍କ ପାଇଁ ହଷ୍ଟେଲ ନିର୍ମାଣର ବ୍ୟବସ୍ଥା ରହିଛି ଏବଂ ଆର୍ଥିକ ଦୁର୍ବଳ ବର୍ଗ, ନିମ୍ନ ଆୟ ବର୍ଗ ଓ ମଧ୍ୟମ ଆୟ ବର୍ଗବର୍ଗଙ୍କ ପାଇଁ ୨୫ ଲକ୍ଷ ଟଙ୍କାର ଗୃହ ଋଣ ଉପରେ ୪ ପ୍ରତିଶତ ସୁଧ ସବସିଡି ଦିଆଯିବ ବୋଲି ଶ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତାବିତ ସ୍ୱଚ୍ଛ ପ୍ଲାଣ୍ଟ କାର୍ଯ୍ୟକ୍ରମକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି।

ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ୧ ହଜାର ୭୬୫ କୋଟିରୁ ଅଧିକ ଟଙ୍କା ବିନିଯୋଗ ରେ ଏହି ପଦକ୍ଷେପ ଦେଶର ଉଦ୍ୟାନ କୃଷି କ୍ଷେତ୍ର ପାଇଁ ପଥପ୍ରଦର୍ଶକ ହେବ । ସେ କହିଥିଲେ, ସ୍ୱଚ୍ଛ ଉଦ୍ଭିଦ କାର୍ଯ୍ୟକ୍ରମ ଭୂତାଣୁ ମୁକ୍ତ ହେବ ଏବଂ କୃଷକମାନଙ୍କୁ ଉନ୍ନତ ମାନର ବୃକ୍ଷରୋପଣ ସାମଗ୍ରୀ

ଉପଲବ୍ଧ କରାଯାଇପାରିବ, ଯାହା ଅମଳ ବୃଦ୍ଧି କରିବ ଏବଂ କୃଷକଙ୍କ ଆୟରେ ଉନ୍ନତି ଆଣିବ ।

ଉନ୍ନତ ଜୈବ ଇନ୍ଧନ ପ୍ରକଳ୍ପ ପାଇଁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ପ୍ରଧାନମନ୍ତ୍ରୀ ଜୀବନ ଯୋଜନାର ସଂପ୍ରସାରଣକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ବର୍ଦ୍ଧିତ ଯୋଜନାକୁ ୨୦୨୮-୨୯ ପର୍ଯ୍ୟନ୍ତ ଆଉ ପାଞ୍ଚ ବର୍ଷ ପାଇଁ ବୃଦ୍ଧି କରାଯାଇଛି। ଏହି ପ୍ରକଳ୍ପରେ ୧ ହଜାର ୯ ଶହ ଅଣସ୍ତରି କୋଟି ଟଙ୍କା ବିନିଯୋଗ କରାଯିବ।

ସୂଚନା ଓ ପ୍ରସାରଣ ମନ୍ତ୍ରୀ କହିଛନ୍ତି, ଅନୁସାଚିତ ଜାତି ଓ ଜନଜାତି ସଂରକ୍ଷଣ ନେଇ ନିକଟରେ ସୁପ୍ରିମ୍ କୋର୍ଟ ଦେଇଥିବା ରାୟ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ବାବାସାହେବ ଆମ୍ବେଦକରଙ୍କ ଦ୍ୱାରା ପ୍ରସ୍ତୁତ ସମ୍ବିଧାନର ବ୍ୟବସ୍ଥା ପ୍ରତି ଏନଡିଏ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କ୍ୟାବିନେଟର ମତ ରହିଛି। ସମ୍ବିଧାନରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସଂରକ୍ଷଣରେ କ୍ରିମି ଲେୟାରର ବ୍ୟବସ୍ଥା ନାହିଁ ଏବଂ ଏସସି ଓ ଏସଟିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ସମ୍ବିଧାନ ଅନୁଯାୟୀ ହେବା ଉଚିତ ବୋଲି କ୍ୟାବିନେଟ ନିଷ୍ପତ୍ତି ନେଇଥିବା ସେ କହିଛନ୍ତି ।

## ନାଗାଲାଣ୍ଡ-ହାଇଆଲର୍ଟ

ପଡୋଶୀ ବାଂଲାଦେଶରେ ରାଜନୈତିକ ଅସ୍ଥିରତା ଦେଖାଦେଇଥିବାରୁ ଅବୈଧ ଅନୁପ୍ରବେଶ ରୋକିବା ଲାଗି ନାଗାଲାଣ୍ଡରେ ହାଇଆଲର୍ଟ ଜାରି

କରାଯାଇଛି । ସେଠାକାର ଗୃହସଚିବ କହିଛନ୍ତି ସମସ୍ତ ଜିଲ୍ଲାର ସୁରକ୍ଷା ବ୍ୟବସ୍ଥା କଡାକଡି କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ସେ କହିଛନ୍ତି ନାଗାଲାଣ୍ଡର ସୀମାବର୍ତ୍ତୀ ଗ୍ରାମାଞ୍ଚଳ ଗୁଡ଼ିକରେ ଗ୍ରାମୀଣ ପରିଷଦଗୁଡ଼ିକୁ ସତର୍କ କରାଯିବା ସହିତ ଯେକୌଣସି ପ୍ରକାର ସନ୍ଦେହଜନକ ଗତିବିଧି ସମ୍ପର୍କରେ ସୂଚନା ଦେବାକୁ କୁହାଯାଇଛି । ଇତିମଧ୍ୟରେ ନାଗାଲାଣ୍ଡର ଅଧିକାରୀମାନେ ଆସାମର ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି ।

## ହକି ଟିମ୍-ସ୍ୱାଗତ

ପ୍ୟାରିସ୍ ଅଲମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ପୁରୁଷ ହକି ଟିମ୍ ଆଜି ନୂଆଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିବା ପରେ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି । ଅଧିନାୟକ ହରମନ୍‌ପ୍ରୀତ୍ ସିଂହ, ଗୋଲକିପର ପି.ଆର୍.ଶ୍ରୀଜେଶ ଏବଂ ପୂର୍ବତନ ଅଧିନାୟକ ମନପ୍ରୀତ୍ ସିଂହ ଓ ଅନ୍ୟ ଖେଳାଳିମାନଙ୍କୁ ଫୁଲମାଳ ପିନ୍ଧାଯାଇ ସ୍ୱାଗତ କରାଯାଇଛି ।

ଅନ୍ୟପକ୍ଷରେ ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ୍ ପଦକ ଜିତିଥିବା ଭାରତୀୟ କୁସ୍ତିଯୋଦ୍ଧା ଅମନ ସେହରାୱତଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଏହି ଯୁବ କୁସ୍ତିଯୋଦ୍ଧା ତାଙ୍କ ପ୍ରଥମ

ଅଲିମ୍ପିକ୍ସରେ ପଦକ ଜିତିସାରିଛନ୍ତି। ରାଷ୍ଟ୍ରପତି କହିଛନ୍ତି, ଅମନଙ୍କର ଆଗକୁ ଉଜ୍ଜ୍ୱଳ ଭବିଷ୍ୟତ ଅଛି ଏବଂ ସେ ଭାରତ ପାଇଁ ଅନେକ ପଦକ ଜିତିବେ ।

ଉପାଧ୍ୟକ୍ଷ ଜଗଦୀପ ଧନଖଡ଼ କହିଛନ୍ତି, ଅମନ୍‌ଙ୍କ ଉତ୍ସାହ ଏବଂ ଦୃଢ଼ ସମର୍ପଣ ଦେଶକୁ ଗର୍ବିତ କରିଛି। ସେ ଭବିଷ୍ୟତରେ ଭାରତୀୟ କୁସ୍ତିଯୋଦ୍ଧାଙ୍କ ଅନେକ ସଫଳତା କାମନା କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଅମନ ସେହରାୱତଙ୍କ ସମର୍ପଣ ଏବଂ ନିଷ୍ଠା ତାଙ୍କ ପ୍ରୟାସରେ ସ୍ପଷ୍ଟ ହୋଇଛି। ସେ କହିଛନ୍ତି, ଅମନଙ୍କ ଉଲ୍ଲେଖନୀୟ ସଫଳତାକୁ ସମଗ୍ର ଦେଶ ପାଳନ କରୁଛି।

କାଂସ୍ୟ ପଦକ ଜିତିଥିବାରୁ ଗୃହମନ୍ତ୍ରୀ ଅମିତ ଶାହା ମଧ୍ୟ ଅମନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବିଶ୍ୱ ସିଂହ ଦିବସ

ବିଶ୍ୱରେ ସିଂହମାନଙ୍କ ବଂଶକୁ ସୁରକ୍ଷା ଓ ସଂରକ୍ଷଣ କରି ସେମାନଙ୍କ ବଂଶବୃଦ୍ଧି କରିବା ଲାଗି ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ସିଂହ ଦିବସ ପାଳନ କରାଯାଉଛି । ୨୦୧୩ ମସିହାଠାରୁ ଅଗଷ୍ଟ ୧୦ ତାରିଖକୁ ଏହି ଦିବସ ପାଳନ କରାଯାଉଛି । ଏବେ ସାରା ବିଶ୍ୱରେ ପ୍ରାୟ ୫୦ହଜାର ସିଂହ ରହିଥିବା ଜଣାପଡିଛି । ଭାରତରେ ଦେଖାଦେଉଥିବା ପ୍ରଜାତିକୁ ଏସୀୟ ସିଂହ କୁହାଯାଇଥାଏ । ବିଶେଷ କରି ଗୁଜୁରାଟର ଗିର୍ ଜଙ୍ଗଲରେ ଏହି ସିଂହ ଦେଖିବାକୁ

ମିଳିଥାଏ । ସିଂହଙ୍କ ସୁରକ୍ଷା ପାଇଁ ଗୁଜୁରାଟ ସରକାରଙ୍କର ବିଭିନ୍ନ ପଦକ୍ଷେପ ଯୋଗୁଁ ଗିର୍‌ରେ ୧୯୯୦ରେ ୨୮୪ଟି ସିଂହ ଥିବାବେଳେ ୨୦୨୦ ମସିହା ଗଣନା ଅନୁଯାୟୀ ତାହା ୬୭୪କୁ ବୃଦ୍ଧି ପାଇଛି । ସେହିପରି ଓଡ଼ିଶାର ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୧୯୮୫ ମସିହାରେ ସିଂହବଂଶ ବୃଦ୍ଧି ଘଟି ସର୍ବାଧିକ ୫୬ରେ ପହଞ୍ଚିଥିବାର ଜଣାପଡିଛି ।